## DEPT. OF ZOOLOGY WEBINAR

The Department of Zoology conducted a webinar on 19th Oct. 2020 wherein Dr. Rajkishore Mishra, Asst. Professor of Life Sciences, Central University of Jharkhand and Dr. Bidyadhar Das, Asst. Professor of Zoology, North Eastern Hill University, Meghalaya were invited as resource persons. The topics were "Emerging Trends and Prospects in Biosciences" and "Energy Transformations in Biosystem: Basics of Life". Around 93 students participated in the webinar.



# ଗୁଣୁପୁର ମହାବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗରେ ଅନ୍‌ଲାଇନ୍ ପାଠଚକ୍ର

ରାୟଗଡ଼ା (ମାନିସ) : ଗୁଣପୁର ମହାବିଦ୍ୟାଳୟର ଆଇକ୍ୟୁଏସି ଏବଂ ପ୍ରାଣୀବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ସୋମବାର, ଏକ ଅନଲାଇନ୍ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଝାଡଖଣ୍ଡ, ରାଞ୍ଚିର ଜୀବ ବିଜ୍ଞାନ ବିଭାଗର ସହ-ପ୍ରଫେସର ଡକ୍ଟର ରାଜକିଶୋର ମିଶ୍ର ମୁଖ୍ୟ ବକ୍ତା ଭାବରେ ଅଂଶଗ୍ରହଣ କରି ଜୀବ-ବିଜ୍ଞାନର ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ଉତ୍ତର ପୂର୍ବ ପାହାଡ଼ ବିଶ୍ୱବିଦ୍ୟାଳୟ ସିଲଙ୍ଗ, ମେଘାଳୟର ପ୍ରାଣୀବିଜ୍ଞାନ ବିଭାଗର ସହ-ପ୍ରଫେସର ଡକ୍ଟର ବିଦ୍ୟାଧର ଦାସ ଜୀବଜଗତରେ ଶକ୍ତି ପ୍ରକ୍ରିୟାର ଅଭ୍ୟୁଦୟ ଓ ବିକାଶ ପ୍ରସଙ୍ଗ ଉପରେ ସମ୍ୟକ ଆଲୋଚନା କରିଥିଲେ । ଏଥିରେ ଅଧ୍ୟକ୍ଷ ଡକ୍ଟର ବାମଦେବ ମିଶ୍ର ସାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ରାମଚନ୍ଦ୍ର ପଣ୍ଡା ସମସ୍ତଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନ ଜ୍ଞାପନ କରିଥିଲେ । ଅଧ୍ୟାପିକା ବନ୍ଦିତା ଧୂରୁଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଆଇକ୍ୟୁଏସି ସଦସ୍ୟା ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଓ୍ୱେବିନାର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ ଅଧ୍ୟାପକ ଶ୍ୟାମସୁନ୍ଦର ମହନ୍ତ । ଶ୍ରୀମତୀ ସସ୍ମିତା ମିଶ୍ର ଓ ସୁଶ୍ରୀ ବନ୍ଦିତା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ତଥା ରାଜ୍ୟ ବାହାରର ଅନେକ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟମାନଙ୍କରୁ ବହୁ ପ୍ରଫେସର, ଅଧ୍ୟାପକ, ଅଧ୍ୟାପିକା, ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ବିପୁଳ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଏହା ସହିତ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଅମୀୟ ରଞ୍ଜନ ମହାନ୍ତି, ଅଧ୍ୟାପକ ଶଶିଭୂଷଣ ମହାନ୍ତି, ଅଧ୍ୟାପକ ଜଗନ୍ନାଥ ଦୀପ୍, ଅଧ୍ୟାପକ ଡକ୍ଟର ସୂର୍ଯ୍ୟ ନାରାୟଣ ପଣ୍ଡା, ଅଧ୍ୟାପକ ଡକ୍ଟର ଜଓ୍ୱାହାରଲାଲ ଚୌଧୁରୀ, ଅଧ୍ୟାପକ ଜି.ମହେଶ୍ୱର ରାଓ ପ୍ରମୁଖ ଅଂଶଗ୍ରହଣ କରି ଏହି ପାଠଚକ୍ରକୁ ସାଫଲ୍ୟମଣ୍ଡିତ କରିଥିଲେ ।